# NATIONAL NEWS BULLETIN (ODIA)
## 2 December - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ବାରାଣାସୀରେ କାଶୀ-ତାମିଲ ସଂଗମମ୍‌ର ଚତୁର୍ଥ ସଂସ୍କରଣ ଆରମ୍ଭ ।

– ଏକ ଭାରତ ଶ୍ରେଷ୍ଠ ଭାରତ ଚିନ୍ତାଧାରାକୁ ଏହି କାର୍ଯ୍ୟକ୍ରମ ଉଦ୍‌ଜୀବିତ କରିବ, କହିଲେ ପ୍ରଧାନମନ୍ତ୍ରୀ ।

- ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ ନେଇ ଆଜି ମଧ୍ୟ ଉଭୟ ଗୃହର କାର୍ଯ୍ୟ ବାଧାପ୍ରାପ୍ତ ।

– ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଉପରେ ଲୋକସଭାରେ ୮ ତାରିଖରେ ହେବ ବିଶେଷ ଆଲୋଚନା ।

- ନୌସେନା ଦିବସ ପାଳନ ଅବସରରେ ଆସନ୍ତାକାଲି ତିରୁଅନନ୍ତପୁରମ୍‌ରେ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଯୋଗଦେବେ ରାଷ୍ଟ୍ରପତି ।

ଏବଂ

- ଆସନ୍ତାକାଲିଠାରୁ ଆରମ୍ଭ ହେବ ରିଜର୍ଭ ବ୍ୟାଙ୍କ୍ ମୁଦ୍ରାନୀତି କମିଟିର ତିନିଦିନିଆ ବୈଠକ ।

## କାଶି-ତାମିଲ୍ ସଂଗମମ

ଉତ୍ତରପ୍ରଦେଶର ବାରାଣାସୀରେ ଆଜି କାଶି-ତାମିଲ୍ ସଂଗମମର ଚତୁର୍ଥ ସଂସ୍କରଣ ଆରମ୍ଭ ହୋଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମିଳିତ ଭାବେ ଏହାର ଉଦ୍‌ଘାଟନ କରିଛନ୍ତି । ଆଜି ସନ୍ଧ୍ୟାରେ ନମୋ ଘାଟରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଛି । କାଶି-ତାମିଲ୍ ସଂଗମମର ଉଦ୍ଦେଶ୍ୟ ହେଉଛି ଉତ୍ତର ଏବଂ ଦକ୍ଷିଣ ଭାରତ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା । ଚଳିତ ବର୍ଷ କାଶି ତାମିଲ ସଂଗମମର ବିଷୟବସ୍ତୁ ରହିଛି 'ଆସନ୍ତୁ ଆମେ ତାମିଲ୍ ଶିଖିବା-ତାମିଲକୁ ନିଜର କରିବା' ।

## ପିଏମ୍-ତାମିଲ୍ ସଂଗମ

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ଉତ୍ସାହପୂର୍ଣ୍ଣ କାର୍ଯ୍ୟକ୍ରମ ଦେଶରେ ଏକ୍ ଭାରତ୍ ଶ୍ରେଷ୍ଠ ଭାରତ

ଚିନ୍ତାଧାରାକୁ ଉଜ୍ଜୀବିତ କରିବ । ଏହି ଉତ୍ସବରେ ସାମିଲ ହୋଇଥିବା ଜନସାଧାରଣଙ୍କ ପାଇଁ କାଶୀରେ ରହଣି ସେମାନଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

**V/O-1-PM--ON-KASHI-TAMIL-SANGAMAM**

ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭାରତୀୟ ରେଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ୭ଟି ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି । ଏହି ଟ୍ରେନ୍‌ଗୁଡ଼ିକ କନ୍ୟାକୁମାରୀ, ଚେନ୍ନାଇ, କୋଇମ୍ବୋଟୋର ଏବଂ ବନାରସ ମଧ୍ୟରେ ଯାତ୍ରା କରିବ ।

## ଏଲ୍‌ଏସ୍-ଆଡଜର୍ଣ୍ଣ

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା ଅଧିବେଶନ ଆଜି ବାଧାପ୍ରାପ୍ତ ହୋଇଛି । ଦୁଇଥର ମୁଲତବୀ ପରେ ଶେଷରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଦ୍ୱିତୀୟଥର ମୁଲତବୀ ପରେ ଅପରାହ୍ଣ ୨ଟାରେ ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟମାନେ ପୁଣିଥରେ ମଧ୍ୟଭାଗକୁ ଆସି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସ୍ତୁତି ପ୍ରସଙ୍ଗ ବିରୋଧରେ ସ୍ଲୋଗାନ୍‌ମାନ ଦେଇଥିଲେ । ବାରମ୍ବାର ଅନୁରୋଧ ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ଗୃହ କାର୍ଯ୍ୟରେ ସହଯୋଗ ନ କରିବାରୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଧ୍ୟକ୍ଷ ଆଜି ଦିନକ ପାଇଁ ଗୃହକୁ ମୁଲତବୀ

ରଖିଥିଲେ । ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ଜର୍ଜିଆ ସଂସଦର ରାଷ୍ଟ୍ରପତି ସାଲଭା ପାପୁଆସଭିଲିଙ୍କ ନେତୃତ୍ୱରେ ଆସିଥିବା ସଂସଦୀୟ ପ୍ରତିନିଧି ମଣ୍ଡଳୀକୁ ସ୍ୱାଗତ କରିଥିଲେ ।

ଏହା ପରେ ଗୃହ କାର୍ଯ୍ୟ ଆଗକୁ ବଢ଼ିବା କ୍ଷଣି କଂଗ୍ରେସ, ଡି.ଏମ୍.କେ., ଟି.ଏମ୍.ସି. ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ଆରମ୍ଭ କରିଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଏହାପରେ ଗୃହ କାର୍ଯ୍ୟ ପୁନଃ ଆରମ୍ଭ ହେବା କ୍ଷଣି ହଟ୍ଟଗୋଳ ଜାରି ରହିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ ବିରୋଧୀ ସଦସ୍ୟଙ୍କୁ ଗୃହ କାର୍ଯ୍ୟରେ ବାଧାସୃଷ୍ଟି ନ କରିବାକୁ ଅନୁରୋଧ କରିଥିଲେ । ତେବେ ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଣୋ କରିଥିଲେ ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା । ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବି କରି ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ । ତେବେ ରାଜ୍ୟସଭାରେ ଆଜି ମଣିପୁର ସାମଗ୍ରୀ ସେବାକର ଦ୍ୱିତୀୟ ସଂଶୋଧନ ବିଲ୍ ୨୦୨୫ ଉପରେ ଆଲୋଚନା ହୋଇ ପାରିତ ହୋଇଛି । ଲୋକସଭାରେ ପୂର୍ବରୁ ଏହି ବିଲ୍ ପାରିତ ହୋଇସାରିଥିଲା । କାର୍ଯ୍ୟ ସମାପ୍ତ ପରେ ଅଧ୍ୟକ୍ଷ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

# ରିଜିଜୁ ବ୍ରିଫିଙ୍ଗ୍

ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଉପରେ ଲୋକସଭାରେ ଆସନ୍ତା ୮ ତାରିଖରେ ବିଶେଷ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ନିର୍ବାଚନ ସଂସ୍କାର ଉପରେ ୯ ତାରିଖରେ ଆଲୋଚନା ହେବ ବୋଲି ସ୍ଥିର ହୋଇଛି । ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି । ଲୋକସଭାରେ ଏହି ଆଲୋଚନା ଶେଷ ହେବା ପରେ ରାଜ୍ୟସଭାରେ ମଧ୍ୟ ଆଲୋଚନା ପାଇଁ ସରକାରଙ୍କ ତରଫରୁ ପ୍ରସ୍ତାବ ଆଗତ କରାଯିବ ବୋଲି ସେ କହିଛନ୍ତି ।

ଶ୍ରୀ ରିଜିଜୁ କହିଛନ୍ତି, ନିର୍ବାଚନ କମିଶନ୍ ସଂସ୍କାର ଏକ ବୃହତ ପ୍ରସଙ୍ଗ । ଏହା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେବା ପରେ ସଂସଦରେ ଆଲୋଚନା ପାଇଁ ଆଗତ କରାଯାଇଥିଲା । ନିର୍ବାଚନ କମିଶନ୍ ଏବଂ ପ୍ରକ୍ରିୟାରେ ସଂସ୍କାର ସମ୍ପର୍କିତ ପ୍ରସଙ୍ଗ ସଂସଦରେ ଗୃହିତ ହୋଇଥାଏ ବୋଲି ଶ୍ରୀ ରିଜିଜୁ କହିଛନ୍ତି । ତେବେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏକ ପ୍ରଶାସନିକ ପ୍ରସଙ୍ଗ ଏବଂ ଏହା ଉପରେ ନିର୍ବାଚନ କମିଶନ୍ ନିଷ୍ପତ୍ତି ଗ୍ରହଣ କରିଥାନ୍ତି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ।

# ପ୍ରେସିଡେଣ୍ଟ-କେରଳା

ନୌସେନା ଦିବସ ଅବସରରେ ଆସନ୍ତାକାଲି ସନ୍ଧ୍ୟାରେ ତିରୁଅନନ୍ତପୁରମ୍‌ରେ ଅନୁଷ୍ଠିତ ହେବାକୁ ଥିବା ନୌସେନା ଶକ୍ତି ପ୍ରଦର୍ଶନ ପାଇଁ ସମ୍ପୂର୍ଣ୍ଣ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସନ୍ତାକାଲି ଅପରାହ୍ଣ ୪ଟା ୩୦ରୁ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

ଗତ ସନ୍ଧ୍ୟାରେ ଶଙ୍ଖମୁଖମ୍‌ରେ ଅନୁଷ୍ଠିତ ଅଭ୍ୟାସ ସମୟରେ ଆଇ.ଏନ୍.ଏସ୍. ବିକ୍ରାନ୍ତ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲା । ଯୁଦ୍ଧ ବିମାନଗୁଡ଼ିକ ଆଇ.ଏନ୍.ଏସ୍. ବିକ୍ରାନ୍ତରୁ ଉଡ଼ାଣ କରିଥିଲେ । ନୌସେନା କର୍ମଚାରୀମାନେ ବିଭିନ୍ନ ପ୍ରକାରର ଉଦ୍ଧାର, କୌଶଳ ଓ ପ୍ରତୀରକ୍ଷା କାର୍ଯ୍ୟ ପ୍ରଦର୍ଶନ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଆସନ୍ତାକାଲି ନୌସେନା ଦିବସ ଅବସରରେ ନୌବାହିନୀ ପକ୍ଷରୁ ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରାଯିବ ।

# ଏଲ୍‌ଏସ୍-ପିଏମ୍-ଇଡ୍ରାଇଭ୍

ପି.ଏମ୍. ଇ-ଡ୍ରାଇଭ୍ ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୧ ହଜାର ୬୩୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସବ୍‌ସିଡି ବଣ୍ଟନ କରାଯାଇଛି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଭାରି ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଯୋଜନା ଅଧୀନରେ ବୈଦ୍ୟୁତିକ ଯାନଗୁଡ଼ିକର ସାର୍ବଜନୀନ ଚାର୍ଜିଂ ଭିତ୍ତିଭୂମି ସ୍ଥାପନ ପାଇଁ ୨ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଯୋଜନା ଅଧୀନରେ ମୁମ୍ବାଇକୁ ଦେଢ଼ ହଜାର ଇ-ବସ୍ ଏବଂ ଦିଲ୍ଲୀକୁ ୨ ହଜାର ୮୦୦ ଇ-ବସ୍ ବଣ୍ଟନ କରାଯାଇଛି ବୋଲି ଶ୍ରୀ ବର୍ମା ଗୃହରେ କହିଛନ୍ତି ।

# ଆର୍‌ବିଆଇ-ମନିଟାରୀ ପଲିସି

ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରାନୀତି କମିଟି ବୈଠକ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ପରେ ଆର୍.ବି.ଆଇ. ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ଏବଂ ସୁଧ ହାର ସମ୍ପର୍କରେ ଘୋଷଣା କରିବେ । ଗତ ଫେବୃୟାରୀରେ

ସୁଧହାର ସରଳୀକରଣ ପ୍ରକ୍ରିୟା ଆରମ୍ଭ କରିବା ପରେ ଆର୍.ବି.ଆଇ. ତିନୋଟି ପର୍ଯ୍ୟାୟରେ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରିବା ସହ ରେପୋରେଟ୍ ୫ ଦଶମିକ୍ ୫ ପ୍ରତିଶତକୁ ହ୍ରାସ ପାଇଥିଲା । ଆର୍ଥିକ ଅଭିବୃଦ୍ଧି, ସାର୍ବଜନୀନ ନିବେଶ, ପରବର୍ତ୍ତି ପିଢ଼ି ଜି.ଏସ୍.ଟି. ହାର ହ୍ରାସ ଭଳି ସଂସ୍କାର ପରେ ସୁଧ ହାର ଅପରିବର୍ତ୍ତିତ ରହିପାରେ ବୋଲି କିଛି ବିଶେଷଜ୍ଞ ଆଶାବ୍ୟକ୍ତ କରୁଥିବା ବେଳେ ଅନ୍ୟମାନେ ୨୫ ବେସିସ୍ ପଏଣ୍ଟ ହ୍ରାସ ପାଇବ ବୋଲି ଆକଳନ କରିଛନ୍ତି ।

## ଶ୍ରୀଲଙ୍କା-ଦିତ୍ୱା

ଘୂର୍ଣ୍ଣିଝଡ଼ ଦିତ୍ୱା ପ୍ରଭାବିତ ଶ୍ରୀଲଙ୍କାରେ ମୃତ୍ୟୁ ସଂଖ୍ୟା ୪୧୦କୁ ବୃଦ୍ଧି ପାଇଛି । ୩୧୦ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି । ୨୫ଟି ଜିଲ୍ଲାରେ ୧୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ଶ୍ରୀଲଙ୍କା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଅପରେସନ୍ ସାଗରବନ୍ଧୁ ଅଧୀନରେ ଭାରତ ମାନବୀୟ ସହାୟତାକୁ ଅଧିକ ତ୍ୱରାନ୍ୱିତ କରିଛି । ଭାରତୀୟ ବାୟୁସେନା ହେଲିକପ୍ଟର ଗୁଡ଼ିକ ମନ୍ଦାରାମ୍ ନୁଆରାକୁ ୨ ହଜାର କିଲୋଗ୍ରାମ ସହାୟତା ସାମଗ୍ରୀ ଯୋଗାଇ

ଦେଇଥିବା ବେଳେ ଇରୁଙ୍ଗୁଓ୍ୱାଟାରୁ ଜଣେ ହୃଦ୍‌ରୋଗୀଙ୍କ ସମେତ ୧୭ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି ।

## ସଞ୍ଚାରସାଥୀ-ଗଭ୍‌ମେଣ୍ଟ

ମୋବାଇଲ ହ୍ୟାଣ୍ଡସେଟ୍‌ରେ ସଞ୍ଚାରସାଥୀ ଆପ୍ ସନ୍ନିବେଶିତ କରାଯିବା ଦ୍ୱାରା ଟେଲିକମ୍ କ୍ଷେତ୍ରରେ ଦେଖାଦେଉଥିବା ସାଇବର ଠକେଇର ଅପବ୍ୟବହାରକୁ ରୋକାଯାଇପାରିବ ବୋଲି କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ସଂସଦ ବାହାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ସେ କହିଛନ୍ତି ଯେକୌଣସି ବ୍ୟକ୍ତି ତାଙ୍କ ମୋବାଇଲ ହ୍ୟାଣ୍ଡସେଟ୍‌ରେ ଏହି ଆପ୍‌କୁ ହଟାଇଦେବାକୁ ଚାହିଁଲେ ସେନେଇ ନିଷ୍ପତ୍ତି ନେଇପାରିବେ । ମୋବାଇଲ ବ୍ୟବହାରକାରୀଙ୍କୁ ସହଯୋଗ ଓ ନିରାପତ୍ତା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ ।

# ରେଲୱେଜ୍ ମାଇଲ୍ ଷ୍ଟୋନ୍

ନଭେମ୍ବର ମାସରେ ପ୍ରାୟ ୧୩୫ ନିୟୁତ ଟନ୍ ମାଲ୍ ପରିବହନ କରି ରେଳ ମନ୍ତ୍ରଣାଳୟ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ହାସଲ କରିଛି । ଗତବର୍ଷ ନଭେମ୍ବର ମାସ ତୁଳନାରେ ଏହା ୪ ଦଶମିକ୍ ୨ ପ୍ରତିଶତ ବୃଦ୍ଧି ପାଇଛି । ରେଳ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଇସ୍ପାତ, ଲୁହାପଥର ଏବଂ ସାର ସମେତ ପ୍ରମୁଖ ସାମଗ୍ରୀଗୁଡ଼ିକର ପରିବହନ ଏହା ମଧ୍ୟରେ ଅନ୍ତର୍ଭୁକ୍ତ । ମାଲ ପରିବହନ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ଶିଳ୍ପ ଯୋଗାଣ ଶୃଙ୍ଖଳକୁ ମଜବୁତ କରିବା ସହିତ ଘରୋଇ ଏବଂ ଆନ୍ତର୍ଜାତିକ ବାଣିଜ୍ୟ ଗତିଶୀଳ ହେବା ସହ ଏ କ୍ଷେତ୍ରରେ ଏକ ସ୍ଥାୟୀ ଏବଂ ଦୃଢ଼ ଲଜିଷ୍ଟିକ୍ ଇକୋସିଷ୍ଟମ୍ ସୃଷ୍ଟି ହୋଇଛି ବୋଲି ମନ୍ତ୍ରଣାଳୟ କହିଛି । ଚଳିତ ବର୍ଷ ନଭେମ୍ବର ସୁଦ୍ଧା ମାଲ ପରିବହନ ୩ ଦଶମିକ୍ ୩ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୧ ହଜାର ନିୟୁତ ଟନ୍ ହୋଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।